# କୁଡୁମି ସମାଜରେ ବାନ୍ଦନା ପର୍ବ

ସାହାରପଡା, ୯।୧୧ (ଇମିସ): ସାହାରପଡା ବ୍ଲକ ହରିଚନ୍ଦନପୁର ଗ୍ରାମରେ କୁଡୁମି କଲଚରାଲ ସୋସାଇଟି ଆନୁକୂଲ୍ୟରେ ବାନ୍ଦନା ପର୍ବ ପାଳିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ ସଭାରେ ସମାଜସେବୀ ଯୋଗେନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଓଡିଶା କୁଡୁମାଲୀ ଆଖଡାର ପ୍ରତିଷ୍ଠାତା ଶଶଧର ମହାନ୍ତ ମୁଖ୍ୟ ଅତିଥି, କୁଡୁମାଲୀ ଭାଷା ଓ ଗବେଷଣା ପରିଷଦର ସଂପାଦକ ଦୀନବନ୍ଧୁ ମହାନ୍ତ ମୁଖ୍ୟବକ୍ତା ଓ ଝୁମର କବି ଶ୍ରୀଧର ମହାନ୍ତ, ଆଇନଜୀବୀ ହେମନ୍ତ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁଡୁମି କଲଚରାଲ ସୋସାଇଟିର ପ୍ରତିଷ୍ଠାତା ପ୍ରଫେସର ଟି.ଏନ.ଶଙ୍କର କୁଡୁମି ସମାଜ ଓ ସଂସ୍କୃତିର ମୁଖପତ୍ର ‘ବାନ୍ଦନା’ ପତ୍ରିକା ପ୍ରକାଶ ପାଇବା ନେଇ ସଭାରେ ସୂଚନା ଦେଇଥିଲେ। ‘ବାନ୍ଦନା’ର ସଂପାଦକ ଦୁଃଶାସନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅସହାୟ ମହିଳାଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଶ୍ୱ ଜାଗରଣ ଝୁମର ଦଳ ନୃତ୍ୟ ପରିବେଷଣ କରିଥିଲେ।